# ଭିବଗ୍ୟୋର ୨୦୧୦

# ଇନ୍‌ଷ୍ଟିଚ୍ୟୁଟ ଅଫ୍ ଡେଣ୍ଟାଲ୍ ସାଇନ୍‌ସେସ୍‌ର ବାର୍ଷିକ ଉତ୍ସବ




ଭୁବନେଶ୍ୱର,(ସବ୍ୟୁ) : ରାଜ୍ୟରେ ବେସରକାରୀ ସ୍ତରରେ ପ୍ରତିଷ୍ଠିତ ପ୍ରମୁଖ ଦନ୍ତ ଚିକିତ୍ସା ମହାବିଦ୍ୟାଳୟ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଡେଣ୍ଟାଲ୍ ସାଇନ୍‌ସେସ୍‌ର ଦ୍ୱିତୀୟ ବାର୍ଷିକ ଉତ୍ସବ ଭିବ୍‌ଗ୍ୟୋର-୨୦୧୦ ଶୁକ୍ରବାର ଦିନ ପ୍ରବଳ ଉତ୍ସାହ ଓ ଉଦ୍ଦିପନା ମଧ୍ୟରେ ଉଦ୍‌ଯାପିତ ହୋଇଯାଇଛି ।

ଉଦ୍‌ଯାପନି ଉତ୍ସବରେ ମୁଖ୍ୟଅତିଥି ରୂପେ ଯୋଗ ଦେଇ ଦୈନିକ 'ସମୟ'ର ମୁଖ୍ୟ ସମ୍ପାଦକ ସାତକଡି ହୋତା ଛାତ୍ରଛାତ୍ରୀମାନଙ୍କୁ ମର୍ମସ୍ପର୍ଶୀ ଅଭିଭାଷଣ ପ୍ରଦାନ କରିବା ସହିତ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ବିତରଣ କରିଥିଲେ ।

ଉଦ୍‌ଯାପନୀ ସନ୍ଧ୍ୟାରେ ଗୋଟିଏ ମଞ୍ଚରେ ଉଭୟ ଛାତ୍ର-ଛାତ୍ରୀ ଓ ଅଧ୍ୟାପକମାନଙ୍କର ମନଛୁଆଁ ସଙ୍ଗୀତ କାର୍ଯ୍ୟକ୍ରମ ଉପସ୍ଥିତ ଶ୍ରୋତାମଣ୍ଡଳୀକୁ ମନ୍ତ୍ରମୁଗ୍ଧ କରିଦେଇଥିଲା । ପ୍ରଖ୍ୟାତ ନାଟ୍ୟକାର ଡ. ଶୈଳେଶ୍ୱର ନନ୍ଦଙ୍କ ଉପସ୍ଥିତି ଉତ୍ସବକୁ ଅଧିକ ଆକର୍ଷଣୀୟ କରିଥିଲା । ଗତ ୧୯ ତାରିଖରୁ ଆରମ୍ଭ ହୋଇଥିବା ଏହି ୭ଦିନିଆ ବାର୍ଷିକ ଉତ୍ସବରେ ଛାତ୍ରଛାତ୍ରୀମାନଙ୍କର ଅନ୍ତର୍ନିହିତ ପ୍ରତିଭାର ବିକାଶ ପାଇଁ ସାହିତ୍ୟ, ସଂସ୍କୃତି, ଓ ଚାରୁକଳା ବର୍ଗରେ ପ୍ରେମ ପତ୍ର ଲିଖନ, ବିତର୍କ, କୋଲାଜ୍ ତିଆରି, ଗୀତ, ନୃତ୍ୟ, ମୁଖମଣ୍ଡଳ ଅଙ୍କନ ଆଦି ବିଭିନ୍ନ ପ୍ରତିଯୋଗିତା ଆୟୋଜିତ ହୋଇଥିଲା ।

ସାଂସ୍କୃତିକ କାର୍ଯ୍ୟକ୍ରମରେ କେବଳ ଛାତ୍ରଛାତ୍ରୀଙ୍କୁ ଛାଡିଦେଲେ ବାହାରର କୌଣସି ପେଶାଦାର କଳାକାର ଭାଗ ନେଇନଥିଲେ ।